ସମାଜ
ସୋମବାର, ଫେବୃଆରୀ ୧୩, ୨୦୧୭

# ପ୍ରାକୃତିକ ସମ୍ପଦ ବିନିଯୋଗକୁ ଗୁରୁତ୍ୱ

ଜଟଣୀ, ୧୨।୨(ନି.ପ୍ର): ଜଟଣୀସ୍ଥିତ ଅରୁଗୁଳ ଠାରେ ଭୁବନେଶ୍ୱର ଆଇଆଇଟିର ୯ମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜା କୁମାର ସ୍ୱାଗତ ଭାଷଣ ଦେଇ ଆଇଆଇଟି ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର ୧୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି ପ୍ରକାଶ କରିବା ସହିତ ଆଗାମୀ ଦେଢ଼ ବର୍ଷ ଭିତରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଆଶାଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି କହିଥିଲେ। ଗତବର୍ଷ ଆଇଆଇଟିର ୮୫ ଭାଗ ଛାତ୍ରଛାତ୍ରୀ ନିଯୁକ୍ତି ପାଇଥିବା ସେ ସୂଚନା ଦେଇଥିଲେ ।

ମୁଖ୍ୟ ଅତିଥି ଭାବେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପାଇକ ବିଦ୍ରୋହର ପବିତ୍ର ମାଟିରେ ଆଇଆଇଟି ସ୍ଥାପନ କରାଯାଇଥିବାରୁ ସେ ଗର୍ବିତ ବୋଲି କହିଥିଲେ । ଉନ୍ନତ ଜ୍ଞାନକୌଶଳ ଦ୍ୱାରା ଆମେରିକାରେ ଯଥେଷ୍ଟ ଶକ୍ତି ମିଳୁଥିବା ବେଳେ ଆଇଆଇଟିର ଛାତ୍ରଛାତ୍ରୀ ପରସ୍ପର ସହ ସଂଶ୍ଳିଷ୍ଟ ହୋଇ ସମସ୍ୟାର ସମାଧାନ ନିମନ୍ତେ ସାମ୍ପ୍ରତିକ ଆହ୍ୱାନର ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଥିଲେ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଇଆଇଟିର ତ୍ୟାଗ ଅତୁଳନୀୟ ବୋଲି ମତ ଦେଇ ଐତିହ୍ୟ, ପରମ୍ପରା ଓ ପ୍ରାଚୁର୍ଯ୍ୟ ଭରପୂର ଦେଶରେ ନୂତନ ଶୈଳୀରେ କିଛି କାମ କରି ଦେଖାଇବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହାର ପ୍ରଭାବ ସାରା ପୃଥିବୀରେ ପଡ଼ିବ ବୋଲି ସେ ମତ ପ୍ରକାଶ କରିଥିଲେ ।

ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାରେ ଏହାର ସୁବିନିଯୋଗ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶାରେ ତୈଳ ପରିବହନ କରିବା ନିମନ୍ତେ ୫ ହଜାର କିମି ଭୂତଳ



ଭୁବନେଶ୍ୱର ଆଇଆଇଟିର ପ୍ରତିଷ୍ଠା ଦିବସ

ରାସ୍ତାରେ ପାଇପ ବିଛାଯାଉଥିବାବେଳେ ଏହାର ରକ୍ଷଣାବେକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ନାଇସରର ନିର୍ଦ୍ଦେଶକ ପ୍ରଫେସର ଭି.ଚନ୍ଦ୍ରଶେଖର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଡ଼.ସି.ଭି.ରମଣଙ୍କ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶିକ୍ଷା, ଗବେଷଣା ଓ ଅବଦାନ ପାଇଁ ପ୍ରଫେସର ଡ଼. ଗଣପତ ଭୁମକର, ଡ଼.ମିହିର ପଣ୍ଡିତ, ଡ଼.ଅରବିନ୍ଦ ସରକାର ଏବଂ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଇଆଇଟିର ଉପ କୁଳସଚିବ ଦେବରାଜ ରଥ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।